ଧରିତ୍ରୀ
DHARITRI
May 3-9, 2020 ₹ 2/-

# ଛୁଟିଦିନ



# କରୋନା ନୁହେଁ କରୋନା ପରି

୩
ପ୍ରଚ୍ଛଦ ପ୍ରସଙ୍ଗ

୧୦୨ ବର୍ଷ ତଳେ ବି ଆସିଥିଲା କରୋନା ପରି ଏକ ମହାମାରୀ। ନେଇଥିଲା ଲକ୍ଷ ଲକ୍ଷ ଜୀବନ। ପୃଥିବୀର ସମୁଦାୟ ଜନସଂଖ୍ୟାର ଏକ ତୃତୀୟାଂଶ ଏଥିରେ ହୋଇଥିଲେ ଆକ୍ରାନ୍ତ। ମୃତ୍ୟୁବରଣ କରିଥିଲେ ପ୍ରାୟ ୫୦ ମିଲିୟନ। ଆଉ ଏହା କବଳରୁ ଭାରତ ବି ବାଦ୍ ପଡି ନ ଥିଲା...

ସିନେମା
୫



# ସାରା ଦେହରେ ଶହେ ଟାଟୁ

ଟାଟୁ ବା ଚିତା କୁଟେଇବା ଗୋଟେ ସଉକ। ସାରା ବିଶ୍ୱରେ ଏପରି ସଉକ ରଖିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିଏ ହାତରେ ତ ପିଠିରେ ବା ଛାତିରେ ଚିତା କୁଟେଇଥାନ୍ତି। ମାତ୍ର ଅମ୍ବର ଲ୍ୟୁକ୍‌ଙ୍କ ମିଜାଜ ଟିକେ ଭିନ୍ନ। ସେ ତାଙ୍କର ସାରା ଦେହକୁ ଟାଟୁ ବା ଚିତାରେ ଛାଇ ଦେଇଛନ୍ତି। ଅମ୍ବର ଲ୍ୟୁକ୍ ହେଉଛନ୍ତି ଜଣେ ଅଷ୍ଟ୍ରେଲୀୟ ମଡେଲ। ସେ ସବୁବେଳେ



ସୋସିଆଲ୍ ମିଡ଼ିଆରେ ଚର୍ଚ୍ଚିତ ରହିବାକୁ ଚାହାନ୍ତି। ଆଉ ସେଥିପାଇଁ ତାଙ୍କୁ କିଛି ନା କିଛି ନୂଆ ତଥା ଭିନ୍ନ ଧରଣର କାର୍ଯ୍ୟ କରିଥାନ୍ତି। ଏ ଚିତାକୁଟା କାର୍ଯ୍ୟଟି ମଧ ଠିକ୍ ସେମିତି। ନିଜର ଦେହକୁ ସମ୍ପୂର୍ଣ୍ଣ ଚିତାରେ ଛାଇ ଦେଇଛନ୍ତି। ତଥ୍ୟ ଅନୁଯାୟୀ ସେ ତାଙ୍କ ଦେହରେ ଅତିକମ୍‌ରେ ଶହେଟି ଟାଟୁ କରିଛନ୍ତି। ଏଥିପାଇଁ ସେ ଖର୍ଚ୍ଚ କରିଛନ୍ତି ୨୦ ହଜାର ପାଉଣ୍ଡ ବା ପାଖାପାଖି ୨୦ ଲକ୍ଷ ଟଙ୍କା। ସେ ଯେ କେବଳ ତାଙ୍କର ଦେହକୁ ଟାଟୁରେ ଛାଇ ଦେଇଛନ୍ତି ସେକଥା ନୁହେଁ; ତାଙ୍କ ଆଖିର ରଙ୍ଗକୁ ମଧ ବଦଳେଇ ଦେଇଛନ୍ତି। ପ୍ରତ୍ୟେକଙ୍କ ଆଖିର ଶ୍ୱେତପଟଳଟି ଧଳା ରଙ୍ଗର। ମାତ୍ର ଅମ୍ବରଙ୍କ ଆଖି ଦୁଇଟି ଏବେ ଦେଖିବାକୁ ସମ୍ପୂର୍ଣ୍ଣ ନୀଳ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୩-୯

**ମେଷ**: କର୍ମକ୍ଷେତ୍ରରେ ପ୍ରତିବନ୍ଧକ, କାର୍ଯ୍ୟହାନି, ମନସ୍ତାପ, ପ୍ରତିଷ୍ଠାହାନିର ଆଶଙ୍କା, ଶୁଣାକଥାରେ ଦ୍ୱନ୍ଦ, ମିତ୍ର ମତାନ୍ତର, ବ୍ୟବସାୟିକ ଉତ୍କର୍ଷ, ପାରିବାରିକ ସହଯୋଗ, ପଡୋଶୀଙ୍କ ଉତ୍ତମ ପରାମର୍ଶ।

**ବୃଷ**: ବନ୍ଧୁ ସହଯୋଗ, କାର୍ଯ୍ୟସିଦ୍ଧି, ଅର୍ଥନୈତିକ ଅଭିବୃଦ୍ଧି, କଳାପ୍ରିୟ ହେବେ, ବାଣିଜ୍ୟର ପଥରୋଧ, ସ୍ୱଜନ ଶତ୍ରୁତା, ନୀଚ ସଂସର୍ଗରୁ ସମାଲୋଚନା, ଧର୍ମକାର୍ଯ୍ୟରେ ବ୍ୟୟବରାଦ, ଦୂରଯାତ୍ରାର ସୁଯୋଗ।

**ମିଥୁନ**: ନୂତନ ସମ୍ପର୍କ ଗଢିବେ, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, ପଡୋଶୀଙ୍କ ପ୍ରଶଂସା, ଯାନବାହନରେ ତ୍ରୁଟି, ପ୍ରଶାସନିକ ତତ୍ପରତା, ଆରକ୍ଷୀଙ୍କ ତାଗିଦା, ବୃତ୍ତିରେ ସମସ୍ୟା।

**କର୍କଟ**: ମାନସିକଦ୍ୱନ୍ଦ୍ୱ, ବିଳମ୍ବିତ ନିଷ୍ପତ୍ତି, ଅବସାଦଗ୍ରସ୍ତ ହେବେ, ବନ୍ଧୁଙ୍କୁ ଆପଣେଇବେ, ନୈରାଶ୍ୟ ଦୂରହେବ, ମନୋରଞ୍ଜନରେ ରୁଚି, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ସାମାଜିକ ସମ୍ମାନ, ପୁରାଣ ପଠନରେ ଶ୍ରଦ୍ଧା, ପାରିବାରିକ ସୌଖ୍ୟ।

**ସିଂହ**: ଉନ୍ନତ ଚିନ୍ତା, ଚେଷ୍ଟା ସଫଳ, ପ୍ରତିଶ୍ରୁତିରେ ଖିଲାପ, ପେଟ ଗୋଳମାଳ, ଧନହାନୀରୁ ଦୁଃଖ, ଆତ୍ମୀୟଙ୍କ ଅନୁଗ୍ରହ, ଫଳପ୍ରଦ ଆଲୋଚନା, ପରିବହନରେ ଝଗଡା, ପରିବାରରେ ବିତର୍କ।

**କନ୍ୟା**: ଆରୋଗ୍ୟ ଲାଭ, ଆର୍ଥିକ ସହାୟତା, ପଦାଧିକାରୀଙ୍କ ସହ ଯୋଗ, ବିଳମ୍ବରେ ସଫଳତା, ସମାଲୋଚିତ ହେବେ, ଦୂରଯାତ୍ରାର ସୁଯୋଗ, କାର୍ଯ୍ୟସିଦ୍ଧିରୁ ଆତ୍ମତୃପ୍ତି, ସଙ୍ଗୀତରେ ରୁଚି।

**ତୁଳା**: ଅତୀତ ଅନୁଚିନ୍ତା, ସୁସମ୍ପର୍କ ବ୍ୟାହତ, ରୋଜଗାର କମିବନି, ମନୋବଳ ବଢିବ, ଘର ସାଜସଜ୍ଜା, ଅନାବଶ୍ୟକ ଖର୍ଚ୍ଚ, ସହକର୍ମୀଙ୍କ ସହ ବଚସା, କର୍ମକ୍ଷେତ୍ରରେ ପ୍ରଶଂସା, ଭ୍ରାତୃବିବାଦ ବୃଦ୍ଧି, ସୃଜନଶୀଳତାରେ ଉନ୍ନତି, ବିବାଦରେ ବିଜୟ।

**ବିଛା**: ଅନୁକୂଳ ସ୍ୱାସ୍ଥ୍ୟ, ଲକ୍ଷ୍ୟହାସଲ, ବିଜାତୀୟ ବନ୍ଧୁତା, ନୂତନ କର୍ମଯୋଜନା, ଅବିଶ୍ୱସନୀୟ ଖବର, ଗୃହ ବିବାଦର ସମାଧାନ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ପାରିବାରିକ ଶାନ୍ତି, ପଡୋଶୀଙ୍କ ଶତ୍ରୁତା, ସହସା ଧନପ୍ରାପ୍ତି।

**ଧନୁ**: ପରିସ୍ଥିତି ବଦଳିବ, ରାଜକୀୟ ସମ୍ମାନ, ସ୍ତ୍ରୀଙ୍କ ପ୍ରେରଣା, ଖର୍ଚ୍ଚ ବଢିବ, ଦ୍ୱନ୍ଦ୍ୱର ଅବସାନ, ଅନିଦ୍ରା ପୀଡ଼ା, ନୂଆ ଦ୍ରବ୍ୟ ପ୍ରାପ୍ତି, ମକଦ୍ଦମା ଲାଗିପାରେ, ପରିଜନଙ୍କ ସହାୟତା, ସ୍ୱାସ୍ଥ୍ୟରେ ସୁଧାର, ଗବେଷଣାରେ ଅଗ୍ରଗତି।

**ମକର**: ଭାବପ୍ରବଣ ହେବେ, ପାରିବାରିକ ଶାନ୍ତି, ଉଚ୍ଚଶିକ୍ଷାର ସୁଯୋଗ, ମାନସିକ ଭାରସାମ୍ୟ ହରାଇବେ, ନିଯୁକ୍ତି ଖବର, ମନୋରଞ୍ଜନରେ ଅରୁଚି, ନିଜ ପରିସରରେ ପ୍ରତିଷ୍ଠା, ବସ୍ତ୍ରଭୂଷଣ ପ୍ରାପ୍ତି, ଆର୍ଥିକ ଦୁରବସ୍ଥା।

**କୁମ୍ଭ**: ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଲକ୍ଷ୍ୟହୀନ ଯାତ୍ରା, ତ୍ୱରାନ୍ୱିତ କାମ, ବନ୍ଧୁଙ୍କ ମନୋମାଳିନ୍ୟ, ସୌଖୀନଦ୍ରବ୍ୟ କ୍ରୟ, ସଂଯମତା ହରାଇବେ, ବିଦେଶ ଯାତ୍ରାରେ ରୋକ୍, ରୋଗରୁ ଉପଶମ, ଫଳପ୍ରଦ ଆଲୋଚନା, ବାଣିଜ୍ୟର ଅଭିବୃଦ୍ଧି, ଆନୁଷ୍ଠାନିକ କାମ।

**ମୀନ**: ସ୍ନାୟବିକ ଦୁର୍ବଳତା, ଅନଟନରୁ ଦୁଃଖ, ଦ୍ରବ୍ୟପ୍ରାପ୍ତି, ବୁଝାମଣାରେ ସନ୍ଦେହ, ପ୍ରିୟଜନଙ୍କ ଅଭିମାନ, ସନ୍ତାନଙ୍କ ଦାବି, ଶତ୍ରୁତାର ଅବସାନ, ନୂତନ କାର୍ଯ୍ୟାରମ୍ଭ, ବିରକ୍ତିବୋଧ, ଶ୍ରମ କାତରତା, ଆଳସ୍ୟ ଓ ଅବହେଳା, ପାରିବାରିକ ଅଭିଯୋଗ।

# କରୋନା ବେଶରେ ପୋଲିସ୍

ପୋଲିସ୍ ସାଜିଲେ କରୋନା ଭାଇରସ୍। କଥାଟି ଶୁଣିବାକୁ ନିଶ୍ଚୟ ଅଡୁଆ ଲାଗୁଥିବ। କାରଣ ଲୋକମାନଙ୍କୁ ଏବେ କରୋନା ଭାଇରସ୍ ବା ଭୂତାଣୁ କବଳରୁ ରକ୍ଷା କରିବା ଲାଗି ସାରା ବିଶ୍ୱରେ ପୋଲିସ୍ କର୍ମୀମାନେ ହିଁ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ସେମାନେ ପୁଣି କରୋନା ଭାଇରସ୍ କେମିତି ସାଜିଲେ ? ବାସ୍ତବରେ କଥାଟି ସେଇଆ ନୁହେଁ। ଏବେ ସମଗ୍ର ବିଶ୍ୱରେ କରୋନାର ଆତଙ୍କ। ଏହାକୁ ରୋକିବା ପାଇଁ କୌଣସି ମେଡ଼ିସିନ୍ ଏଯାଏ ଉଦ୍ଭାବିତ ହୋଇନାହିଁ। କେବଳ ସୋସିଆଲ ଡିଷ୍ଟାନ୍‌ସିଂ ବା ସାମାଜିକ ଦୂରତ୍ୱ ରକ୍ଷା କରି ଜଣେ ଏହି ଭୂତାଣୁ କବଳରୁ ବର୍ତ୍ତି ଯାଇପାରେ। ହେଲେ ଲୋକମାନେ ଏହି ସୋସିଆଲ୍ ଡିଷ୍ଟାନ୍‌ସିଂକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଲୋକମାନଙ୍କୁ ସାମାଜିକ ଦୂରତ୍ୱ ସମ୍ପର୍କରେ ସଚେତନତା କରେଇବାକୁ ପୋଲିସ୍ ଏବେ ନିଜକୁ କରୋନା ଭାଇରସ୍ ରୂପରେ ସଜେଇଛି। ଆଉ



ରାସ୍ତାରେ ବୁଲିବୁଲି ଲୋକମାନଙ୍କୁ ସଚେତନ କରୁଛି। ଘଟଣାଟି ଘଟିଛି ବଲିଭିଆରେ। ବଲିଭିଆ ପୋଲିସ୍‌ର ଏକ ଦଳ କରୋନା ଭୂତାଣୁ ରୂପରେ ନିଜକୁ ସଜଉଛନ୍ତି। ଆଉ ଲୋକମାନଙ୍କୁ ସଚେତନ କରୁଛନ୍ତି। ଜଣେ ପୋଲିସ୍ କର୍ମଚାରୀ କହିଛନ୍ତି, ଏହାଦ୍ୱାରା ଲୋକମାନଙ୍କର ମନୋରଞ୍ଜନ ବି ହୋଇପାରୁଛି। ଆଉ ଲୋକମାନେ ଆମ କଥାକୁ ଗ୍ରହଣ କରୁଛନ୍ତି।

# ପାଠକୀୟ

■ ପ୍ରଚ୍ଛଦ ପ୍ରସଙ୍ଗ 'ବିସ୍ମୟ ବ୍ରହ୍ମାଣ୍ଡ' ଭଲ ଲାଗିଲା। ବାସ୍ତବରେ ଆମ ପୃଥିବୀ ସବୁଠୁ ନିଆରା। ସୌରଜଗତର ଏକମାତ୍ର ଜୀବନ ଥିବା ଗ୍ରହ। ଏହାକୁ ନେଇ ରହିଥିବା ବହୁ ଅଜଣା କଥା ପଢି ଅନେକ କିଛି ଜାଣିପାରିଲି।

*– କାଳନ୍ଦୀ ଚରଣ ପଣ୍ଡା, ନାଇକାଣିଡିହି, ଭଦ୍ରକ*

■ ରାଶିଫଳ ପୃଷ୍ଠାରୁ 'ପିଲା ଜନ୍ମ କରୁଥିବା ଝିଟିପିଟି' କଥାଟି ପଢ଼ି ବିସ୍ମିତ ହୋଇଗଲି। ଝିଟିପିଟି ଅଣ୍ଡା ଦେଇ ଛୁଆ ଫୁଟାଉଥିବା ଜାଣିଥିଲି। ହେଲେ ଏହା ଯେ, ପରିବେଶକୁ ଆଖି ଆଗରେ ରଖି ଅଣ୍ଡା ଦବା ବଦଳରେ ପିଲା ଜନ୍ମ କରିପାରେ ସେକଥା ଜାଣି ନ ଥିଲି। ସତରେ ଆମର ଜୀବଜଗତ ଅତି ବିଚିତ୍ର। ସେହିଭଳି 'ପେଟ ଉପରେ ହୃତ୍‌ପିଣ୍ଡ' ଚପିକ୍‌ଟି ମନକୁ ଦୋହଲେଇ ଦେଲା।

*– କଲ୍ୟାଣୀ ବେହେରା, ଖଲିକୋଟ୍*

■ ସୃଜନ ପୃଷ୍ଠାରେ ପ୍ରକାଶିତ ଗଳ୍ପ 'ରଙ୍ଗ' ଭଲ ଲାଗିଲା। ସୁରେନ୍ଦ୍ର ପାଣିଗ୍ରାହୀଙ୍କ ରଚିତ କବିତା 'ବିଷର ବଳୟ' ଅତି ଚମତ୍କାର। କବିତା ମାଧ୍ୟମରେ ବାସ୍ତବ କଥାର ଅବତାରଣା କରିଛନ୍ତି କବି। ଅନ୍ୟ କବିତା 'ବଂଶୀ'ରେ ରହିଛି ଏକ ସମ୍ମୋହନର ସ୍ୱର।

*– ବିଶ୍ୱବନ୍ଦିତା ରଥ, ପଟିଆ, ଭୁବନେଶ୍ୱର*

■ ସିନେମା ପୃଷ୍ଠାଟି ଭଲ ହେଉଛି। ଏଥିରୁ ହିନ୍ଦୀ ସହିତ ଓଡ଼ିଆ ଚିତ୍ରଜଗତର ନାନାଦି ଖବର ଜାଣି ହେଉଛି। ଅନନ୍ୟା ଜଣେ ପ୍ରତିଭାଶାଳୀ ଅଭିନେତ୍ରୀ। ସେହିଭଳି ଓଡ଼ିଆ ଅଭିନେତ୍ରୀ ତମନ୍ନା ମଧ ଆଗକୁ ଓଡ଼ିଆ ଚିତ୍ର ଜଗତରେ ରାଜ କରିବେ ବୋଲି ଆଶା।

*– ଦୀପୁ, କାବୁଲା, ତପସ୍ୟା, ତେଲେଙ୍ଗାପେଣ୍ଠ, କଟକ*

■ ସହରଠୁ ଦୂରରେ ପଢିଲି 'ଦୁଃସାହସିକ ପର୍ଯ୍ୟଟନସ୍ଥଳୀ କୋଲାଡ୍'। ବାସ୍ତବରେ ଏଠାକାର ଦୁଃସାହସିକ କ୍ରୀଡ଼ା ଭାରତ ବିଖ୍ୟାତ। ଏଠାରେ ଥିବା ଗୁମ୍ଫା, ଛୋଟ ଝରଣା ଆଦି ପ୍ରକୃତିକୁ ଏକ ନୂଆ ରୂପ ଦେଇଛି ବୋଲି କୁହାଯାଇପାରେ।

*– ଶାନ୍ତିଶିଖା ମିଶ୍ର, ଜାନୁଗଞ୍ଜ, ବାଲେଶ୍ୱର*

■ 'ମଡ଼େଲ ମିରର୍' ପୃଷ୍ଠାରେ ଭଲ ଲାଗିଲେ ପୁପୁଲ। ଫଟୋଗ୍ରାଫି ବି ଚମତ୍କାର ହୋଇଛି। ସେହିଭଳି ହାଃ ହାଃ ପଢ଼ି ନ ହସି ରହିପାରିଲିନି।

*– ସର୍ବେଶ୍ୱର ମହାରଣା, ଅନୁଗୋଳ*

■ ବିବିଧ ବିସ୍ମୟକର କଥାରେ ଭରପୂର ବ୍ୟାକ୍‌ପେଜ୍‌ଟି ସତରେ ଚମତ୍କାର। ସିମାଞ୍ଜି ଉପରେ ଲକ୍‌ଡାଉନ୍‌ର ପ୍ରଭାବ ପଡ଼ିବା ହେଉ କି ପୋକର ମୂଲ୍ୟ ୧୦ଲକ୍ଷ ହେଉ ମନରେ ଆନନ୍ଦ ଆଣିଦେଲା।

*– ଶିବପ୍ରସାଦ ପରିଡ଼ା, ଭୁବନେଶ୍ୱର*

## ବିଶେଷ ଚିଠି



ହେଲେ ରବିବାର ଆସେ ଛୁଟିଦିନ
ସୁନେଲି ସପନ ନେଇ
ଖୁସି ଭରିଦିଏ ପ୍ରତିଟି ମନରେ
ତାକୁ ଭୁଲି ହୁଏ ନାହିଁ ॥
ଗଳ୍ପ ଓ କବିତା ପ୍ରଚ୍ଛଦ ପ୍ରସଙ୍ଗ
ସୁନ୍ଦର ଲାଗଇ ସବୁ
ପ୍ରତିଟି ପୃଷ୍ଠା ଆହାକି ସୁନ୍ଦର
ମନ କୁହେ ପଢ଼ିବାକୁ ॥
ସଭିଙ୍କ ଆଦର ପାଇଛି ଧରିତ୍ରୀ
କିଣିଛି ପାଠକ ମନ
ସେଥିପାଇଁ ଆଜି ସାରା ଓଡ଼ିଶାରେ
ବଢ଼ିଛି ଧରିତ୍ରୀ ମାନ ॥

*– ରଜନୀକାନ୍ତ ରାଉଳ, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# କରୋନା ନୁହେଁ କରୋନା ପରି





ମହାମାରୀର ଅନ୍ୟ ନାମ ମୃତ୍ୟୁ କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଯେବେ ଯେବେ ଏହା ଆସିଛି, ସାରା ପୃଥିବୀରେ ସେ ଖେଳିଛି ରକ୍ତର ହୋଲି। ନେଇଛି ଅଗଣିତ ଜୀବନ। ୧୦୨ ବର୍ଷ ତଳେ ବି ସେମିତି ଏକ ମହାମାରୀ ନେଇଥିଲା ଲକ୍ଷ ଲକ୍ଷ ଜୀବନ। ପୃଥିବୀର ସମୁଦାୟ ଜନସଂଖ୍ୟାର ଏକ ତୃତୀୟାଂଶ ଏଥିରେ ହୋଇଥିଲେ ଆକ୍ରାନ୍ତ। ମୃତ୍ୟୁବରଣ କରିଥିଲେ ପ୍ରାୟ ୫୦ ମିଲିୟନ। ୧୯୧୮ରେ ଦେଖାଦେଇଥିବା ଏହି ମହାମାରୀ ଥିଲା ସ୍ପାନିସ୍ ଇନ୍‌ଫ୍ଲୁଏଞ୍ଜା। ଏବେ ପୃଥିବୀର ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଜୀବନ ନେଇଥିବା ମହାମାରୀ କରୋନାଠୁ ବି ତାହା ଥିଲା ଭୟଙ୍କର। ସେତେବେଳେ ମଧ୍ୟ ଏହି ମହାମାରୀକୁ ରୋକିବା ପାଇଁ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିଲା। ଅନେକ ସ୍ଥାନକୁ କ୍ୱାରାଣ୍ଟାଇନ ଘୋଷଣା କରାଯାଇଥିଲା। ପବ୍ଲିକ ପ୍ଲେସ୍ ବନ୍ଦ କରାଯାଇଥିଲା। ହ୍ୟାଣ୍ଡସେକ୍‌ବା ହାତ ମିଳାଇବାଠାରୁ ନିବୃତ୍ତ ରହିବା ସହ ଲୋକଙ୍କୁ ଘରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏମିତି କି ଜନସାଧାରଣ ସ୍ଥଳରେ ଛେପ ପକାଇବା ନିଷିଦ୍ଧ କରାଯାଇଥିଲା। ତେଣୁ କୁହାଯାଇପାରେ ଯେ, କରୋନା ପାଇଁ ଆଜି ଲୋକଙ୍କୁ ଯେଉଁ ସବୁ ସତର୍କତା ଅବଲମ୍ବନ କରିବାକୁ ପଡୁଛି ଓ ଯେଉଁ କଟକଣା ମଧ୍ୟରେ ରହିବାକୁ ପଡୁଛି ତାହା ନୂଆ ନୁହେଁ। ଭୟଙ୍କର ମହାମାରୀ ସହ ଲଢ଼ିବା ଲାଗି ଏହା ଅନିବାର୍ଯ୍ୟ।

**ସ୍ପାନିସ୍ ଇନଫ୍ଲୁଏଞ୍ଜାର ଆରମ୍ଭ:-** ଏହାର ଆରମ୍ଭ କେଉଁଠି ଯଦିଓ ତାହା ସ୍ପଷ୍ଟ ହୋଇ ପାରିନାହିଁ। ତେବେ ଏହାର ଆରମ୍ଭ ଆମେରିକାର କାନସାସ୍‌ରେ ହୋଇଥିବା ବିଶ୍ୱାସ କରାଯାଏ। ପରେ ଏହା ୟୁରୋପ, ଆଫ୍ରିକା ଓ ଏସିଆର କିଛି ଭାଗରେ ବ୍ୟାପି ଥିଲା। ଏହା ସ୍ପେନରେ ଅଧିକ ଉଗ୍ରରୂପ ଧାରଣ କରିଥିଲା। ତେଣୁ ଏହା ସ୍ପାନିସ୍ ଫ୍ଲୁ ଭାବେ ପରିଚିତ ହୋଇଥିଲା। ଏହା ବି କୁହାଯାଏ ଯେ, ଏହି ମହାମାରୀ ସ୍ପେନରୁ ଆରମ୍ଭ ହୋଇ ନ ଥିଲେ ହେଁ ଏ ସମ୍ପର୍କିତ ଖବର ସେଠାକାର ଗଣମାଧ୍ୟମରେ ଅଧିକ ପ୍ରକାଶ କରାଯାଇଥିଲା। କାରଣ ଅନ୍ୟ ଦେଶର ଗଣମାଧ୍ୟମରେ ସେହି ସମୟରେ ପ୍ରଥମ ବିଶ୍ୱ ଯୁଦ୍ଧଜନିତ କଟକଣା ଲାଗିଥିଲା। ଅଧିକ ଖବର ପ୍ରକାଶ କରୁଥିବାରୁ ଅନେକେ ଭାବି ନେଇଥିଲେ ଏହି ଫ୍ଲୁ ସ୍ପେନରେ ଆରମ୍ଭ ହୋଇଥିଲା ବୋଲି। ତେବେ ସ୍ପେନବାସୀ ଭାବୁଥିଲେ ଏହା ଫ୍ରାନ୍ସରୁ ଆରମ୍ଭ। ତେଣୁ ଏହାକୁ ସେମାନେ ଫ୍ରେଞ୍ଚ ଫ୍ଲୁ କହୁଥିଲେ। ଅନ୍ୟପକ୍ଷେ ଚାଇନାରେ ଅପେକ୍ଷାକୃତ କମ ଆକ୍ରାନ୍ତ ଓ ମୃତ୍ୟୁବରଣ କରିଥିଲେ। ତେଣୁ ଅନେକେ ବିଶ୍ୱାସ କରନ୍ତି ଏହି ଇନଫ୍ଲୁଏଞ୍ଜା ଚାଇନାରୁ ଆରମ୍ଭ ହୋଇଥିଲା ବୋଲି।


**ଏହାକୁ ଚିହ୍ନଟ କରିବା ହୋଇଥିଲା କଷ୍ଟକର:-** ବୈଜ୍ଞାନିକ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଏହି ରୋଗ ଚିହ୍ନଟ କରିବା କାଠିକର ପାଠ ହୋଇ ଯାଇଥିଲା। ଏଥିରେ ସାଧାରଣତଃ ବ୍ୟକ୍ତିଙ୍କ ଫୁସ୍‌ଫୁସ୍‌ରେ ପାଣି ଜମି ଅମ୍ଳଜାନ ଅଭାବରେ ମୃତ୍ୟୁବରଣ କରୁଥିଲେ। ଏମିତି ସ୍ଥିତିରେ ଏହା ଏତେ ଶୀଘ୍ର ବ୍ୟାପୁଥିଲା ଯେ, ତାକୁ କାବୁ କରିବା ସମ୍ଭବ ହେଉ ନ ଥିଲା। ଏହି ମହାମାରୀ ପାଇଁ ନା ଥିଲା କିଛି ସଠିକ ଔଷଧ ନା ଥିଲା କୌଣସି ଭ୍ୟାକ୍ସିନ। ତେଣୁ କେବଳ ସତର୍କ ରହିବା ସହ ସାବଧାନତା ଅବଲମ୍ବନ କରିବା ହିଁ ଥିଲା ଏକମାତ୍ର ପନ୍ଥା। ମାସ୍କ ପିନ୍ଧିବା ସହ ହାତ ମିଳାଇବାଠାରୁ ନିବୃତ୍ତ ରହିବାକୁ କୁହାଯାଉଥିଲା। ସ୍କୁଲ, ଥିଏଟର, ଚର୍ଚ୍ଚ, ବଜାର ଆଦି ବନ୍ଦ କରାଯାଇଥିଲା। ଲୋକଙ୍କୁ ଘରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନ୍ୟାଶନାଲ ଆର୍କାଇଭରୁ ମିଳିଥିବା ତଥ୍ୟ ମୁତାବକ, ଏହି ଇନଫ୍ଲୁଏଞ୍ଜା ଏକ ବର୍ଷରେ ଦୁଇଟି ଅଲଗା ଅଲଗା ଫେଜରେ ପୃଥିବୀର ବିଭିନ୍ନ ସ୍ଥାନରେ ଆକ୍ରାନ୍ତ କରିଥିଲା। ପ୍ରଥମ ଫେଜରେ ତିନି ଦିନର ଜ୍ୱର ହେଉଥିଲା। ସେ ପୁଣି ବିନା କାଶ,ଛିଙ୍କ ଲକ୍ଷଣରେ। ପୀଡ଼ିତ ବ୍ୟକ୍ତି ରୋଗରୁ ଉପଶମ ପାଇବା ପରେ ପୁଣି ଥରେ ଏହି ରୋଗରେ ଆକ୍ରାନ୍ତ ହେଉଥିଲେ। ଦ୍ୱିତୀୟ ଫେଜରେ ରୋଗୀଙ୍କ ଅବସ୍ଥା ଏତେ ଖରାପ ହୋଇଯାଉଥିଲା ଯେ, ସେମାନଙ୍କୁ ବଞ୍ଚାଇବାର କୌଣସି ଆଶା ରହୁ ନ ଥିଲା। ଆଉ ସଂକ୍ରମଣ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଥିଲା। ୧୯୧୮ ଶେଷ ଆଡ଼କୁ ଏହି ରୋଗ ଦ୍ୱିତୀୟ ଥର ଲେଉଟି ଥିଲା। ଏଥିରେ ଅନେକ ପୀଡ଼ିତଙ୍କଠାରେ ପ୍ରଥମ ଲକ୍ଷଣ ଦେଖାଦେବାର କିଛି ଘଣ୍ଟା ତଥା ଦିନ କେଇଟା ମଧ୍ୟରେ ଲୋକେ ମୃତ୍ୟୁବରଣ କରୁଥିଲେ। ପ୍ରଥମ ବିଶ୍ୱ ଯୁଦ୍ଧରେ ହୋଇଥିବା ମୃତ୍ୟୁଠାରୁ ଏଥିରେ ହୋଇଥିବା ମୃତ୍ୟୁ ସଂଖ୍ୟା ୪ଗୁଣ ଅଧିକ ଥିଲା। ଜାପାନରେ ୨୩ ମିଲିୟନ ଆକ୍ରାନ୍ତ ଓ ପ୍ରାୟ ୩୯୦,୦୦୦ ମୃତ୍ୟୁବରଣ କରିଥିଲେ। ଇରାନ, ଇଣ୍ଡୋନେସିଆ, ବ୍ରାଜିଲ, ଘାନାରେ ବି ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ବେଶ୍ ଅଧିକ ଥିଲା। ଖାସ୍ କରି ଯୁବପିଢ଼ି ଏହି ଫ୍ଲୁରେ ଅଧିକ ଆକ୍ରାନ୍ତ ହୋଇଥିଲେ।

**ଅନ୍ତିମ ପର୍ଯ୍ୟାୟ-** ୧୯୧୯ର ଗ୍ରୀଷ୍ମଋତୁ ସମୟରେ ଏହି ମହାମାରୀ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିଲା। ସେତେବେଳେ ଅବଶିଷ୍ଟ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଥିଲା। ଅନେକଙ୍କଠାରେ ତ ଉକ୍ତ ଇନଫ୍ଲୁଏଞ୍ଜାକୁ ସାମ୍ନା କରିବାକୁ ଇମ୍ୟୁନ ପାୱାର ବିକଶିତ ହୋଇଯାଇଥିଲା। **-ଶିବାନୀ**

## ଭାରତରେ 'ବମ୍ବେ ଫ୍ଲୁ'

ପ୍ରଥମ ବିଶ୍ୱଯୁଦ୍ଧରୁ ଜାହାଜରେ ଫେରିଥିବା ସୈନ୍ୟଙ୍କ ମାଧ୍ୟମରେ ୧୯୧୮, ମେ' ଶେଷଭାଗ ତଥା ଜୁନ ମାସ ପ୍ରାରମ୍ଭରେ ସ୍ପାନିସ୍ ଇନଫ୍ଲୁଏଞ୍ଜା ପ୍ରଥମେ ବମ୍ବେରେ ପ୍ରବେଶ କରିଥିଲା। ମହୀଶୂର ଷ୍ଟେଟ୍ ରେକର୍ଡ ମୁତାବକ, ସେହି ବର୍ଷ ଜୁଲାଇରେ ଏହି ଫ୍ଲୁ ବାଙ୍ଗାଲୋରରେ ପହଞ୍ଚିଥିଲା। ସେତେବେଳେ ବ୍ରିଟିଶ ଅଧୀନସ୍ଥ ଭାରତରେ ଏହାକୁ 'ବମ୍ବେ ଫ୍ଲୁ' କୁହାଯାଉଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ପ୍ରଭାବ ବିଶେଷ ନ ଥିଲା। ଆଉ ହଠାତ୍ ଉଭାନ ହୋଇଯାଇଥିଲା। ତେବେ ସେପ୍ଟେମ୍ବର ମଧ୍ୟଭାଗରେ ଏହା ଭୟଙ୍କର ରୂପ ଧାରଣ କରି ଫେରିଥିଲା। ହଜାର ହଜାର ଲୋକ ଏଥିରେ ଆକ୍ରାନ୍ତ ହେବା ସହ ମୃତ୍ୟୁବରଣ କରିଥିଲେ। ଡେକାନ ହେରାଲ୍ଡରେ ପ୍ରକାଶିତ ଖବର ମୁତାବକ, ନଭେମ୍ବର ଶେଷଭାଗକୁ ବାଙ୍ଗାଲୋର ସହରରେ ୪୦,୦୦୦ ଓ ମହୀଶୂରରେ ୧,୯୫, ୦୦୦ ଜଣ ଏହି ଫ୍ଲୁରେ ମୃତ୍ୟୁବରଣ କରିଥିଲେ। ସାରା ବ୍ରିଟିଶ ଭାରତରେ ସେପ୍ଟେମ୍ବରରୁ ଡିସେମ୍ବର ମଧ୍ୟରେ ପ୍ରାୟ ୧୨-୧୭ ମିଲିୟନ ଲୋକଙ୍କର ମୃତ୍ୟୁ ହୋଇଥିଲା। ଦିନକୁ ପ୍ରାୟ ୧୫୦-୨୦୦ ମୃତ ଶରୀର ମଶାଣିକୁ ଯାଉଥିଲା। ଉତ୍ତର ପଶ୍ଚିମ ଭାରତରେ ମୋଟ ଜନସଂଖ୍ୟାର ୪.୫%-୬% ମୃତ୍ୟୁବରଣ କରିଥିଲେ। ଦକ୍ଷିଣ ପୂର୍ବରେ ଏହି ଫ୍ଲୁ ଟିକେ ବିଳମ୍ବରେ ପହଞ୍ଚିଥିଲା। ଏଠାରେ ୧.୫%-୩% ମୃତ୍ୟୁବରଣ କରିଥିଲେ। ବ୍ରିଟିଶ ସରକାର ସେହି ସମୟରେ ସେଭଳି କିଛି ପଦକ୍ଷେପ ନେଇ ନ ଥିଲେ। ତେଣୁ ଲୋକଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଏହି ମହାମାରୀରେ ଭାରତରେ ମଧ୍ୟ ଯୁବପିଢ଼ି ଅଧିକ ଆକ୍ରାନ୍ତ ହୋଇଥିଲେ। ମହାମାରୀ ସହ ସେତେବେଳେ ମୌସୁମୀ ଆଗମନରେ ବି ବହୁତ ବିଳମ୍ବ ହୋଇଥିଲା। ତେଣୁ ଫସଲ ହାନି ହୋଇ ଲୋକମାନେ ଅନାହାରର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ପ୍ରସିଦ୍ଧ ହିନ୍ଦୀ ଲେଖକ ସୂର୍ଯ୍ୟକାନ୍ତ ତ୍ରିପାଠୀ ମଧ୍ୟ ସ୍ତ୍ରୀ ଓ ପରିବାରର ଅନେକ ସଦସ୍ୟଙ୍କୁ ହରାଇଥିଲେ। ଏହି ଦୁଃଖଦ ଅନୁଭୂତି ସମ୍ପର୍କରେ ସେ ଲେଖିଥିଲେ ଯେ, ଗଙ୍ଗାନଦୀ ସେତେବେଳେ ମୃତ ଶରୀରରେ ଭର୍ତ୍ତି ହୋଇଯାଇଥିଲା। ଶବସବୁ ଗଦା ଗଦା ହୋଇ ପଡି ରହୁଥିଲା। କାରଣ ଦାହ ସଂସ୍କାର ପାଇଁ କାଠ ନ ଥିଲା।





EPIDEMIC INFLUENZA (SPANISH)

This Disease is Highly Communicable.
It May Develop Into a Severe Pneumonia.

There is no medicine which will prevent it.
Keep away from public meetings, theatres and other places where crowds are assembled.
Keep the mouth and nose covered while coughing or sneezing.
When a member of the household becomes ill, place him in a room by himself.
The room should be warm, but well ventilated.
The attendant should put on a mask before entering the room of those ill of the disease.

TO MAKE A MASK

Take a piece of ordinary cheesecloth 8 x 16 inches, fold it to make it 8 x 8 inches. Next fold this to make it 8 x 4 inches. Tie cords about 10 inches long at each corner. Apply over mouth and nose as shown in the picture.

ISSUED BY THE PROVINCIAL BOARD OF HEALTH



# ଟ୍ରାଭେଲ୍ ହିଷ୍ଟ୍ରୀ

## ବିଚିତ୍ର ବିଶ୍ୱାଳ

ଦିଲ୍ଲୀରୁ ଫେରିବା ଦିନଠୁ ଦଶଦିନ ହେବ ମୁଁ କ୍ୱାରାଣ୍ଟାଇନ୍‌ରେ ଅଛି ଆମ ଘରର ଆଉଟ୍ ହାଉସ୍‌ରେ। ମୋ ସ୍ୱାବ୍ ସାମ୍ପୁଲ୍ ପରୀକ୍ଷା ପାଇଁ ଯାଇଛି, ହେଲେ ରିପୋର୍ଟ ଆସିନି।

ଜୀବନରେ ଏମିତି ସମୟ କେବେ ଆସିବ, ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି। ଯେଉଁ ଘରକୁ ମୁଁ ସବୁଠାରୁ ଯତ୍ନର ସହ ତିଆରି କରିଥିଲି, ଇଣ୍ଟେରିଅର୍ ଡିଜାଇନ୍‌ରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲି, ସେଠାରେ ନ ରହି ମୁଁ ରହୁଛି ଅତି ମାମୁଲି ଭାବେ ତିଆରି କରିଥିବା ଆଉଟ୍ ହାଉସ୍‌ରେ। ମୁହଁରେ ମାସ୍କ ପିନ୍ଧି ଆସି ଚାକର ଟୋକାଟା ଖାଇବା ଦେଇଯାଉଛି। ଅବଶ୍ୟ ମୋ ସ୍ତ୍ରୀ' ପ୍ରତିଦିନ ଦୁଇ ତିନିଥର ଆସି ମୋର ଭଲମନ୍ଦ ବୁଝି ଯାଉଛି। ପିଲାମାନେ ଦୂରରେ ଠିଆ ହୋଇ ମୋ ସହିତ କଥା ହେଉଛନ୍ତି। ଏମିତି ନୁହେଁ ଯେ, ମୋ ସ୍ତ୍ରୀ ଓ ପିଲାଙ୍କର ମୋ ପାଖକୁ ଆସିବାକୁ ଇଚ୍ଛା ନାହିଁ। ଅସଲରେ ମୁଁ ହିଁ ସେମାନଙ୍କୁ ବାରଣ କରିଛି।

ସରକାର ଘୋଷଣା କରିଛନ୍ତି, ଆପଣାର ଲୋକଙ୍କଠୁ ଦୂରେଇ ରହିଲେ ହିଁ ଏଡ଼ାଇ ହେବ ସଂକ୍ରମଣର ସମ୍ଭାବନାକୁ। କିନ୍ତୁ କିଏ ବୁଝିବ, ଆପଣାର ଲୋକଙ୍କଠୁ ଦୂରେଇ ରହିବା ହିଁ ରୋଗଠୁ ଅଧିକ ଯନ୍ତ୍ରଣାଦାୟକ।

ଅବଶ୍ୟ ହୋମ୍ କ୍ୱାରାଣ୍ଟାଇନ୍‌ରେ ମୋତେ ବେଶି କିଛି ଅସୁବିଧା ହେଉନି। ଆଉଟ୍ ହାଉସ୍‌ରେ ଟିଭି ଅଛି। ମୋବାଇଲ୍‌ରେ ଫୋର୍ ଜି ଡାଟା ଅଛି ଓ ଘରୁ ମଗେଇ ଆଣିଛି ମୋର ପ୍ରିୟ ଲେଖକଙ୍କର ଅନେକ ଅପଢ଼ା ବହି। କ୍ୱାରାଣ୍ଟାଇନ୍‌ରେ ମୋ ପାଇଁ ସବୁଠାରୁ ଅଧିକ ସୁବିଧା ଥିଲା ନିର୍ଭୟରେ ଅନେକ ସମୟ ଯାଏ ଝରଣା ସହିତ ଫୋନ୍‌ରେ ଗପିବା। ଘରେ ରହିଥିଲେ ସ୍ତ୍ରୀ'ର ସନ୍ଦେହୀ ଆଖିରେ ଧରାପଡ଼ିବାର ଯେଉଁ ଭୟ ଥାଆନ୍ତା ତାହା ଏଠାରେ ଆଦୌ ନାହିଁ।

ଆଜି ଆମ ରାଜ୍ୟରେ ଜଣେ ମାତ୍ର କରୋନା ପଜିଟିଭ୍ ବାହାରି ଥିବାର ଖବର ଟିଭିରେ ପ୍ରସାରିତ ହେଲା। ମୁଁ ଟିକେ ଚମକି ପଡ଼ିଲି। କିନ୍ତୁ ପର ମୂହୁର୍ତ୍ତରେ ପୁଣି ସ୍ୱାଭାବିକ ହୋଇଗଲି। କାରଣ ଗତ ଦଶଦିନ ହେବ ମୋ ମନ ଭିତରେ ଏମିତି ଅନେକ ଆଶଙ୍କା ଉଠିଛି ଓ ତାହା ପୁଣି ଅମୂଳକ ପ୍ରମାଣ ହୋଇଛି। ଟିଭି ବନ୍ଦ କରି ଝରଣାକୁ ଫୋନ୍ ଲଗେଇ ମୁଁ ଗପରେ ମାତିଗଲି। ଝରଣାର ସ୍ୱାମୀ ବାହାରେ ଅଛି। ତେଣୁ ଆମ ପ୍ରେମ ଏବେ ମସ୍ତ ଜମୁଛି।

ବାହାରେ ପୋଲିସ୍ ଗାଡ଼ି ଓ ଆମ୍ବୁଲାନ୍‌ସର ମିଳିତ ସାଇରନ୍‌ରେ କାନ ଅତଡ଼ା ପଡ଼ିଯାଉଛି। ଫୋନ୍ ଠିକ୍‌ରେ ଶୁଣି ହେଉନି। ଭାରି ବିରକ୍ତ ଲାଗୁଛି।

ହଠାତ୍ ଦି'ଟା ଯାକ ଗାଡ଼ି ଆସି ଠିଆ ହୋଇଗଲା ଆମ ଗେଟ୍ ସାମ୍ନାରେ। ମୋ ଛାତି ଭିତରଟା ଦାଉଁଦାଉଁ ହୋଇଗଲା। ବାସ୍ ତା'ପରେ ମୁଁ ହୋଇ ଯାଇଥିଲି ରାଜ୍ୟର ହଟ୍ ଖବର। ଏକଚାଳିଶ୍ ନମ୍ବର କରୋନା ପଜିଟିଭ୍। ମୋତେ ନିଆଗଲା ସ୍ପେଶାଲ୍ କରୋନା ହସ୍ପିଟାଲ୍‌କୁ।

ମୋର ଗତ ପନ୍ଦରଦିନର ଇତିହାସ ଆଉ ମୋର ହୋଇ ନ ଥିଲା। ତାହା ହୋଇଯାଇଥିଲା ସମାଜର। ଗତ ପନ୍ଦରଦିନର ମୋ ଟ୍ରାଭେଲ୍ ହିଷ୍ଟ୍ରୀ ହୋଇଯାଇଥିଲା ସମସ୍ତଙ୍କର ଆଗ୍ରହର ମୁଖ୍ୟ ବିଷୟ ଏବଂ ପୋଲିସ୍ ଓ କୋଭିଡ୍ ଆକ୍ସନ୍ ଫୋର୍ସଙ୍କ ପାଇଁ ଜାଣିବା ଯୋଗ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୂଚନା।

ମୁଁ ଗୋଟିଗୋଟି ପରି ପ୍ରତ୍ୟେକ ଦିନର ବିବରଣୀ ବର୍ଣ୍ଣନା କରୁଥିଲି। କିନ୍ତୁ ଅଟକି ଯାଉଥିଲି ଚଉଦ ତାରିଖ ପାଖରେ, ଯେଉଁଦିନ ମୁଁ ଦିଲ୍ଲୀରୁ ଆସି ଓଡ଼ିଶାରେ ପହଞ୍ଚିଲି। କିନ୍ତୁ ପୋଲିସ୍ କେଉଁଠୁ ଖବର ପାଇଥିଲା ଯେ, ସେଦିନ ସନ୍ଧ୍ୟା ବେଳେ ହିଁ ମୁଁ ଘରେ ପହଞ୍ଚିଥିଲି। ତେଣୁ ଦିନ ଦଶଟାରୁ ଚାରିଟା ଯାଏ ମୁଁ କେଉଁଠି ଥିଲି, ତାହା ଥିଲା ସେମାନଙ୍କର ଆଗ୍ରହର ମୁଖ୍ୟ ବିଷୟ। ହେଲେ ସେଇ କେତେଘଣ୍ଟାକୁ ମୁଁ ଜମା ବି କହିବାକୁ ଚାହୁଁ ନ ଥିଲି। କିନ୍ତୁ ସେମାନେ ଥିଲେ ନଛୋଡ଼ବନ୍ଦା। କାରଣ ଥିଲା ଦେଶର ସ୍ୱାର୍ଥ ଓ କରୋନା ବିରୋଧୀ ଲଢ଼େଇରେ ଜିତିବାର ଜିଦ୍।

ମୁଁ କିନ୍ତୁ ଥିଲି ନିରୁପାୟ। ସେଇ କେତେ ଘଣ୍ଟାକର ଘଟଣା ବର୍ଣ୍ଣନା ଉପରେ ମୋ ସଂସାରର ସ୍ଥାୟିତ୍ୱ ନିର୍ଭର କରୁଥିଲା। କ'ଣ କରିବି ମୁଁ ? ମୋ ପାଇଁ କରୋନା ଭୂତାଣୁଠାରୁ ଅଧିକ ବିପଜ୍ଜନକ ଥିଲା ମୋ ଟ୍ରାଭେଲ୍ ହିଷ୍ଟ୍ରୀ। ଆଉ ଥରେ ଝରଣା ପାଖକୁ ଯିବା କଥା ଶୁଣିଲେ, ମୋ ସ୍ତ୍ରୀ' ଘର ଛାଡ଼ି ଚାଲିଯିବ ବୋଲି ଧମକ୍ ଦେଇଥିଲା ଓ ଶେଷଥର ପାଇଁ ଆମ ଭିତରେ ଗୋଟେ ବୁଝାମଣା ହୋଇଥିଲା। ତେଣୁ କେମିତି କହିବି ମୁଁ ସେକଥା ! କାରଣ କରୋନା ପଜିଟିଭ୍ ବ୍ୟକ୍ତିର ଟ୍ରାଭେଲ୍ ହିଷ୍ଟ୍ରୀ ଜମାରୁ ବି ଗୋପନୀୟ ହୋଇ ରହିବା ବିଷୟ ନ ଥିଲା।

ଅନ୍ୟପଟେ ଝରଣାର ନିରାପତ୍ତା ଓ ତା'ର ସ୍ୱାସ୍ଥ୍ୟ ବି ମୋ ଆଗରେ ଗୋଟେ ଆହ୍ୱାନ ହୋଇ ଠିଆ ହୋଇଥିଲା। ମୁଁ ସ୍ୱାର୍ଥପର ହୋଇପାରୁ ନ ଥିଲି। କ'ଣ କରିବି ମୁଁ ଭାବି ପାରୁ ନ ଥିଲି। ପୋଲିସ୍ ଓ ଆକ୍ସନ୍ ଫୋର୍ସର ସଦସ୍ୟମାନେ ରୁକ୍ଷ ହେବାକୁ ଆରମ୍ଭ କରୁଥିଲେ। ମୋ ମୋବାଇଲ୍‌ରେ ମୋ ସ୍ତ୍ରୀର ଓ ଝରଣାର ଘନଘନ କଲ୍ ଆସୁଥିଲା। ମୁଁ ମୋବାଇଲ୍ ସୁଇଚ୍ ଅଫ୍ କରିଦେଲି।

ଶେଷରେ ଘଟଣାକୁ ଗୋପନୀୟ ରଖିବାକୁ ଅନୁରୋଧ କରି ସେମାନଙ୍କ ଆଗରେ ମୁଁ କହିଦେଲି ସବୁ ସତକଥା। ତତ୍କ୍ଷଣାତ୍ ଆକ୍ସନ୍ ଫୋର୍ସ ଦଳଙ୍କ ଗୋଟିଏ ଗାଡ଼ି ଛୁଟିଗଲା ଝରଣାର ଘର ଦିଗରେ। ଜଣେ ପୋଲିସ୍ ବାଲା ମୋତେ ଏମିତି ଅଶ୍ଳୀଳ ଦୃଷ୍ଟିରେ ଚାହିଁଲା, ଯେମିତି ଆମେ ଉଲଗ୍ନ ହୋଇ ଶୋଇଥିଲୁ ତା' ସାମ୍ନାରେ।

ପୋଲିସ୍ ବାଲା କେବେ ସଙ୍କୋଚ ହେଲେଣି ନା ହେବେ ! ଏମିତି ମସଲାଦାର୍ ଖବରକୁ କ'ଣ ଛାଡ଼ିପାରନ୍ତି ମେଡ଼ିଆ ବାଲା !

ପରଦିନ ମୋ ଟ୍ରାଭେଲ୍ ହିଷ୍ଟ୍ରୀ ହୋଇଯାଇଥିଲା ମୁଖ୍ୟ ଖବର। ଲକ୍ ଡାଉନ୍‌ରେ ଥିବା ଲୋକମାନଙ୍କ ପାଇଁ କରୋନାଠାରୁ ଅଧିକ ରୋଚକ ଘଟଣା। ମୁଁ ଆଉ ସାଧାରଣ ମଣିଷ ହୋଇ ନ ଥିଲି, ହୋଇଯାଇଥିଲି କେବଳ କରୋନା ପଜିଟିଭ୍।


*– ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର*

# ପ୍ରେମ

**– ସିଦ୍ଧେଶ୍ୱର ତ୍ରିପାଠୀ**

ଯିଏ ଦିନେ
ସାତଜନ୍ମର ସାଥି ହେବାକୁ
କଥା ଦେଇଥାଏ
ବେଳେବେଳେ ସମୟ ସାଥିରେ
ତା' ସହିତ
ଜୀବନ କାଳ ଭିତରେ
ଆଉ ଥରେ ଦେଖା ହେବାର
ସମ୍ଭାବନା ବି
ବହୁତ କମ ହୋଇଯାଏ ।

– ଖୋର୍ଦ୍ଧା



# ଅତୀତ

**– ସୁବାସ ଚନ୍ଦ୍ର ମୁଦୁଲି**

ଅତୀତଟା ବଡ ଅମାନିଆ
ହାତ ଧରି ବାଟ କଢ଼େଇ ନିଏ ତା' ଆଡକୁ
କାଳେ ମୁଁ ତାକୁ ଭୁଲିଯିବି
ବର୍ତ୍ତମାନ ସାଥିରେ
ହେଲେ ,
ତା'ର ଧାରଣା ଭୁଲ୍ ବୋଲି
ମୁଁ ପ୍ରମାଣ କରି ପାରେନା
ଭାବେ,
ବର୍ତ୍ତମାନ ଯେ ତା'ର
ପଡୋଶୀ କି ପ୍ରତିବେଶୀ ନୁହେଁ
ତା'ର ଜନ୍ମକଲା ଛୁଆ ॥

*– ଅବସରପ୍ରାପ୍ତ ବରିଷ୍ଠ*
*ପ୍ରୟୋଗଶାଳା ପ୍ରାଯୁକ୍ତିକ*
*ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମ୍ବଲପୁର*



# ପ୍ରତିଶ୍ରୁତି

**– କେକି ସିଂ ଭୋଇ**

ସେଟା ତମ ରାଣ ଥିଲା ନା'
କୋଉ ଫିଲ୍ମର ସଂଳାପ।
ଆଜି ବି ସେ ମନ୍ଦିର ଅଛି,
ତମେ ବି ଅଛ,
ମୁଁ ବି ଅଛି,
ହେଲେ ସେ ପ୍ରତିଶ୍ରୁତି କୋଉଠି ?
ହଜିଗଲା ନା'
କୋଉଠି ପୋତି ଦେଲ
ଏ ସମାଜର ଭୟରେ
କି ମୋ ଗରିବୀ ପଣରେ।

*– କଁସିଲ, ବଙ୍ଗୋମୁଣ୍ଡା, ବଲାଙ୍ଗୀର*

# ଚ୍ୟାଲେଞ୍ଜ ଦେବେ ଦେବାଶିଷ


ଦେବାଶିଷ

ଆମ ରାଜ୍ୟର ଅନ୍ୟତମ ନାମୀ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ଶହୀଦ ରଘୁ ସର୍ଦ୍ଦାର। ତାଙ୍କ ଜୀବନର ବୀରତ୍ୱ ଗାଥାକୁ ସିନେମାରେ ସଜାଇଛନ୍ତି ନବାଗତ ପ୍ରଯୋଜକ ଡା. ବିଶ୍ୱନାଥ ପଟ୍ଟନାୟକ। ଚିତ୍ରଟିର ଟାଇଟଲ ରହିଛି 'ଶହୀଦ ରଘୁ ସର୍ଦ୍ଦାର। ଏପରି ଏକ ଐତିହାସିକ କାହାଣୀକୁ ସଂଳାପର ରୂପ ଦେଇଛନ୍ତି ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦେବାଶିଷ ପାତ୍ର। 'ଏହି ଭୂମିକା ଆକ୍ଟିଂ କ୍ୟାରିୟରରେ ମୋ ପାଇଁ ଏକ ଚ୍ୟାଲେଞ୍ଜ୍ ପରି ଥିଲା। ମୋତେ ଦିଆଯାଇଥିବା ଦାୟିତ୍ୱ ମୁଁ ତୁଲାଇଛି, ବାକିସବୁ ଦର୍ଶକଙ୍କ ଉପରେ ନିର୍ଭର କରେ ବୋଲି କହନ୍ତି ଦେବାଶିଷ। ଏହି ଫିଲ୍ମରେ ତାଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି କାବ୍ୟା। ଏମାନଙ୍କ ବ୍ୟତୀତ ଜିନା, ଟ୍ୱିଙ୍କିଲ୍, ରୁଦ୍ର, ସନ୍ତୋଷ, ପିଣ୍ଟୁ ନନ୍ଦ, ଅକ୍ଷୟ ବସ୍ତିଆ, ସୁଧାକର ବସନ୍ତ ଏବଂ ରାଜୀବ ମହାନ୍ତି ଅଭିନୟ କରିଛନ୍ତି। ଅରୁଣ ମନ୍ତ୍ରୀ, ବିଜୟ ମଲ୍ଲ ଏବଂ ରଞ୍ଜନ ଦାଶଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିକାଶ ଶୁକ୍ଳା। ଅପରପକ୍ଷରେ ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ଏହାର ନିର୍ଦ୍ଦେଶକ ରାଜୀବ ମହାନ୍ତି। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି, ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।

# କବିତା ଲେଖୁଛନ୍ତି ସାରା


ସାରା

ଲକ୍‌ଡାଉନ୍ ସମୟରେ ସାରା ଅଲ୍ଲୀ ଖାଁ କ'ଣ କରୁଛନ୍ତି ? ନିଶ୍ଚୟ ତ ଘରେ ହିଁ ଥିବେ। ତେଣୁ ବସିବାଠାରୁ କାଣିବା ଭଲ ପରି ସେ ଏକ କାମରେ ନିଜକୁ ବ୍ୟସ୍ତ ରଖିଛନ୍ତି। ତାହା ହେଲା କବିତା ଲେଖିବା। କିଛି ସମୟ ଭାବିବା ପରେ ସେ ନିଜର ମନର ପରିଭାଷାକୁ କବିତା ଆକାରରେ ପ୍ରକାଶ କରୁଛନ୍ତି। 'କୌଣସି ବିଷୟରେ ଭାବିବା ପରେ ତାକୁ ନୋଟ୍ ଡାଉନ୍ କରିବା ମୋର ଏକ ଅଭ୍ୟାସ। ଏବେ ତ କିଛି କାମ ନାହିଁ। କରୋନା ପାଇଁ ଶୁଟିଂ ବନ୍ଦ ରହିଛି। ତେଣୁ ଘରେ ବସିବା ଅପେକ୍ଷା ଭଲ ଭଲ ବିଷୟକୁ ନେଇ କବିତା ଲେଖୁଛି। ତା' ସହ ମୋ ମନକୁ କିଛି ଷ୍ଟୋରି ଆଇଡିୟା ମଧ୍ୟ ଆସିଛି। ତାକୁ ମଧ୍ୟ ଲେଖି ରଖୁଛି ବୋଲି କହିଛନ୍ତି ସାରା। ଖାସ୍ କଥା ହେଲା ଏହି କବିତା ପଢ଼ି ତାଙ୍କର ଜଣେ ପ୍ରଶଂସକ ପାଲଟି ଯାଇଛନ୍ତି 'ଧଡକ୍'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିବା ଇଷାନ୍ ଖଟ୍ଟର।

# ପ୍ରଶଂସା ଅନ୍ତରାଳେ..

ଏବେ କ୍ୟାଟ୍ରିନାଙ୍କ ମୁହଁରେ ଜଣଙ୍କର ପ୍ରଶଂସା ଶୁଣିବାକୁ ମିଳୁଛି। ସେ କିଏ ଜାଣନ୍ତି ? ଅକ୍ଷୟ କୁମାର। ଏହି ଯୋଡ଼ିକୁ ରିଲିଜ ଅପେକ୍ଷାରେ ଥିବା ହିନ୍ଦୀ ସିନେମା 'ସୂର୍ଯ୍ୟବଂଶୀ'ରେ ଦେଖିବାକୁ ମିଳିବ। ଯେହେତୁ ଏବେ କରୋନା ପାଇଁ କେବଳ ଫିଲ୍ମ ଶୁଟିଂ ନୁହେଁ, ରିଲିଜ ମଧ୍ୟ ବନ୍ଦ ରହିଛି, ତେଣୁ ଏହି ସିନେମାଟି କେବେ ପରଦା ଉପରକୁ ଆସିବ ସେ ନେଇ ଅନିଶ୍ଚିତତା ଲାଗି ରହିଛି। ଫିଲ୍ମଟି ଚଳିତବର୍ଷ ମାର୍ଚ୍ଚ ୨୪ରେ ରିଲିଜ ହୋଇଥାଆନ୍ତା। ଏ ନେଇ କ୍ୟାଟ୍ରିନା କହନ୍ତି, 'ଲକଡାଉନ୍ ପାଇଁ ଆମ ସିନେମାଟି ରିଲିଜ ହୋଇପାରି ନାହିଁ। ଏଥିରେ କେବଳ ମୁଁ କିମ୍ବା ଅକ୍ଷୟ ନୁହନ୍ତି ଏହି ସିନେମାରେ ଅଭିନୟ କରିଥିବା ସମସ୍ତ କଳାକାର ନିଜର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଏହାବ୍ୟତୀତ ଅକ୍ଷୟଙ୍କ ପରି ଅଭିନେତାଙ୍କ ସହ ଆକ୍ଟିଂ କରିବାର ମଜା ହିଁ ନିଆରା। କେବଳ ଶୁଟିଂ ସମୟରେ ନୁହେଁ, ବ୍ୟକ୍ତିଗତ ଜୀବନରେ ସେ ଜଣେ ଭଲ ମଣିଷ। ତାଙ୍କର ସହଯୋଗ ମନୋବୃତ୍ତି ମୋତେ ଅଧିକ ପ୍ରଭାବିତ କରିଛି।' ଅକ୍ଷୟ କୁମାର-କ୍ୟାଟ୍ରିନା କୈଫ ଅଭିନୀତ 'ସୂର୍ଯ୍ୟବଂଶୀ'ର ନିର୍ଦ୍ଦେଶନା ଦେଇଛନ୍ତି ରୋହିତ ସେଟ୍ଟି।



କ୍ୟାଟ୍ରିନା

# କଥା ୧୩ବର୍ଷର

ଥରେ ମନେ ପକାନ୍ତୁ ନା ସେହି ହିଟ୍ ସିନେମା 'ରବ୍ ନେ ବନାଦି ଯୋଡ଼ି'କୁ। ଏହି ଫିଲ୍ମରେ ଶାହରୁଖଙ୍କ ଅପୋଜିଟ୍‌ରେ ଜଣେ ନବାଗତାଙ୍କୁ ବ୍ରେକ୍ ମିଳିଥିଲା। କେବଳ ସେତିକି ନୁହେଁ, ପ୍ରଥମ ସିନେମାରୁ ହିଁ ନିଜର ଅଭିନୟ ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଥିଲେ ଏହି ନାୟିକା। ତାଙ୍କର ପରିଚୟ ଦେବା କେବଳ ବାହୁଲ୍ୟ ମାତ୍ର। ହଁ, ସେ ହେଲେ ଅନୁଷ୍କା ଶର୍ମା। ମଡେଲିଂ ଦୁନିଆରୁ ସେ ପାଦ ଦେଇଥିଲେ ବଲିଉଡ୍‌ରେ। ୨୦୦୭ରେ ତାଙ୍କର ଆରମ୍ଭ ହୋଇଥିଲା ବଡ ପରଦା କ୍ୟାରିୟର। ଇତି ମଧ୍ୟରେ ୧୩ବର୍ଷ ବିତିଗଲାଣି। ଆଉ ଏହା ଭିତରେ ସେ ବେଶ୍ କେତୋଟି ସିନେମାରେ ଅଭିନୟ କରିବା ସହ ନିଜକୁ ଜଣେ ପ୍ରଯୋଜିକା ଭାବରେ ପରିଚିତ କରାଇପାରିଛନ୍ତି। ଏ ନେଇ ଅନୁଷ୍କା କହନ୍ତି, 'ଦେଖୁ ଦେଖୁ ୧୩ବର୍ଷ ବିତି ଗଲାଣି। ଯା ଭିତରେ ଅନେକ ମଧୁର ଏବଂ ଦୁଃଖଦ ସ୍ମୃତି ମନରେ ସାଇତି ହୋଇ ରହିଛି। ଭିନ୍ନଭିନ୍ନ ଭୂମିକାରେ ଅଭିନୟ କରିବାକୁ ଚେଷ୍ଟା ଜାରି ରହିବ।'

# କାହାକୁ ଡରନ୍ତି ଶାହରୁଖ

ଦିନ ଥିଲା ବଲିଉଡ୍‌ରେ ଶାହରୁଖ ରାଜ୍ କରୁଥିଲେ। ହେଲେ ତାଙ୍କୁ ଗୋଟିଏ ଜିନିଷ ଭାରି ଭୟ ଲାଗେ। ତାହା କ'ଣ ଜାଣନ୍ତି ? ଘୋଡା ଚଢ଼ିବା। ତଥାପି ମନରେ ଶଙ୍କା-ଆଶଙ୍କା ଭିତରେ ସେ ସନ୍ତୋଷ ଶିବନ୍‌ଙ୍କ ନିର୍ଦ୍ଦେଶିତ 'ଅଶୋକାରେ ଘୋଡା ଚଢ଼ିଥିବାର ଦେଖିବାକୁ ମିଳିଥିଲା। 'ଘୋଡା ଚଢ଼ିବାକୁ ତ ମନରେ ଟିକେ ଭୟ ଥିଲା। ହେଲେ 'ଅଶୋକା'ର ଶୁଟିଂ ସମୟରେ ତାହା କେତୋକାଂଶରେ ଦୂର ହୋଇଥିଲା। କିନ୍ତୁ ଘୋଡା ଚଢ଼ିବା ପରେ ମୋର ବ୍ୟାକ୍ ପେନ୍ ସମସ୍ୟା ଆରମ୍ଭ ହୋଇଥିଲା। ସେଥିପାଇଁ ଘୋଡା ଚଢ଼ାକୁ ନେଇ ମୋ ମନରେ ଏବେ ମଧ୍ୟ ଭୟ ରହିଛି ବୋଲି କହନ୍ତି ଶାହରୁଖ।'


ଶାହରୁଖ




# ରୋଷେଇ ଘରେ ସେଲିବ୍ରିଟି



**ସୁଟିଂର ବ୍ୟସ୍ତତା ଭିତରେ ଅଭିନେତ୍ରୀ ଅଭିନେତାମାନେ ନିଜ ପସନ୍ଦର ରୋଷେଇ କରି ଘରେ ଖାଇବେ ଏକଥା ପ୍ରାୟତଃ ଭୁଲିଯାଇଥାନ୍ତି, କିନ୍ତୁ ଲକ୍‌ଡାଉନ୍ ଏବେ ସେମାନଙ୍କ ପାଇଁ ଆଣି ଦେଇଛି ଏହି ସୁଯୋଗ। ଘରେ ପର୍ଯ୍ୟାପ୍ତ ସମୟ ତ ମିଳୁଛି, ଏପଟେ ବାହାରୁ ମଗାଇ ଖାଇବା ବି ବନ୍ଦ। ତେଣୁ ନିଜ ପସନ୍ଦର ହେଉ କି ଘର ଲୋକଙ୍କ ପସନ୍ଦର ହେଉ ନିଜେ ପ୍ରସ୍ତୁତ କରି ଖୁଆଇବାର ଆନନ୍ଦ ନେଉଛନ୍ତି ଅଧିକାଂଶ। ଆଗରୁ ରୋଷେଇ ଘର ସହିତ ବେଶି ସମ୍ପର୍କ ନ ଥିବା ଅଭିନେତ୍ରୀ ଅଭିନେତାମାନଙ୍କର ଦିନର କିଛି ସମୟ ନିହାତି କଟୁଛି ରୋଷେଇ ଘରେ। ତେବେ ଏହି ସମୟରେ କିଏ କ'ଣ ଶିଖିଛନ୍ତି ନୂଆ ରୋଷେଇ, ସେ ସମ୍ପର୍କରେ–**




**ଭଲ ରୋଷେଇ ଟ୍ରେନିଂ ନେଉଛି : ଦୀପକ**

ବ୍ୟାଚେଲର ସମୟରୁ ମୁଁ ଟିକେ ଟିକେ ରୋଷେଇ କରେ। ତେଣୁ ଏ ନେଇ କିଛି ଆଇଡିଆ ରହିଛି। ଏବେ ତ ଲକ୍ ଡାଉନ୍ ପାଇଁ ଘରେ ସମୟ କଟୁଛି। ତେଣୁ ରୋଷେଇ ପାଇଁ କିଛି ସମୟ ଦେଉଛି। ୟୁ ଟ୍ୟୁବ୍ ଦେଖି ନୂଆ ନୂଆ ଡିସ୍ ପ୍ରସ୍ତୁତ କରୁଛି। ବିଶେଷଭାବରେ ନନ୍‌ଭେଜ ଆଇଟମ ଅଧିକ ରୋଷେଇ କରୁଛି। ଚିକେନ୍ ଟିକା, ଚିକେନ୍ ଲଲିପପ୍ ଏବଂ ତନ୍ଦୁରୀ ଚିକେନ୍ ରାନ୍ଧିବା ସହ ପରିବାର ସଦସ୍ୟଙ୍କୁ ଖୁଆଉଛି। ମୁଁ ଚିଲି ପନୀର ଭଲ ଭାବରେ ରୋଷେଇ କରିପାରିବି। ଖାସ୍ କଥା ହେଲା ନୂଆ ନୂଆ ଡିସ୍ ଶିଖିବା ଏବଂ ସେଥିରେ କିପରି ମସଲା ଭାଗମାପ ଠିକ୍ ରହିବ ସେ ନେଇ ମୋତେ ଟିପ୍ସ କିଏ ଦେଉଛନ୍ତି ଜାଣନ୍ତି? ମୋ ଧର୍ମପତ୍ନୀ ତନୁଜା। ବାସ୍, ଏହି ଲକଡାଉନ୍ ସମୟରେ ରୋଷେଇର ମଜା ନେବା ସହ କିଛି ସମୟ କଟିଯାଉଛି।

**କୁକିଂ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଆସିଯାଇଛି : ଅନୁଭା ସୌର୍ଯ୍ୟା**

କଥା କ'ଣ କି ମୋ ମା' ବଢ଼ିଆ ରୋଷେଇ କରନ୍ତି। ତାଙ୍କ ହାତରନ୍ଧା ମୋତେ କେତେ ଆନନ୍ଦ ଦିଏ ତାହା ମୁଁ ବର୍ଣ୍ଣନା କରିପାରିବି ନାହିଁ। ପୂର୍ବରୁ ମୋତେ କେବଳ ଅଣ୍ଡା ସିଜା ଆଉ ମ୍ୟାଗି ବନେଇବା ଆସୁଥିଲା। ଆଉ ଏହି ଲକ ଡାଉନ ମୋତେ ରୋଷେଇ ପ୍ରତି ଏମିତି ଆକର୍ଷିତ କରିଦେଇଛି ଯେ ଭବିଷ୍ୟତରେ ମୁଁ ନିଜେ ଭଲ କୁକିଂ କରିପାରିବି ନେଇ ମୋର ଦୃଢ଼ ବିଶ୍ୱାସ ରହିଛି। ଏହି ସମୟରେ ମୁଁ କେମିତି ଭଲ ରୋଷେଇ କରିପାରବି ସେ ନେଇ ମୋ ଗ୍ରାଣ୍ଡମଦର ମଧ୍ୟ ଟିପ୍ସ ଦେଉଛନ୍ତି। ଜଙ୍କ୍ ଫୁଡ୍ ଖାଇବା ମୋର ହବି। ଏବେ ମୁଁ ଡାଲ୍ ଖେଚୁଡ଼ି, ମାଞ୍ଚୁରିଆନ ଏବଂ କେକ୍ ଭଲ ଭାବରେ ପ୍ରସ୍ତୁତ କରିପାରୁଛି।

**ୟୁଟ୍ୟୁବ ଦେଖି ରୋଷେଇ କରୁଛି–ନମ୍ରତା ସିଂଦେଓ**

ଆଗରୁ କେବେ ବିଧିବଦ୍ଧ ଭାବରେ ସେମିତି ରୋଷେଇ କରୁନଥିଲି। ମାମା ଭେଜିଟେରିଆନ୍। କିନ୍ତୁ ମୋର ନନ୍‌ଭେଜ୍ ପସନ୍ଦ। ବିଶେଷକରି ଚାଇନିଜ୍ ଖାଇବା। ଏସବୁରେ ମୁଁ ମାମାଙ୍କୁ ଟିକେ ସାହାଯ୍ୟ କରେ। ମାମା ଭେଜ୍ ବନେଇଲେ ସାଲାଡ୍ କାଟିଦେବା କେବେ କେମିତି ପନିର ବି ବନେଇଚି। କିନ୍ତୁ ସବୁଦିନ ନୁହେଁ। ହେଲେ ଏବେ ଲକ୍‌ଡାଉନ୍ ପରେ ବାହାରକୁ ଯିବା ତ ବନ୍ଦ, ପୁଣି ବାହାରୁ ଖାଇବା ମଗେଇବା ବି ବନ୍ଦ। ତେଣୁ ଯାହା ଖାଇବାକୁ ଇଛା ଘରେ ବନେଇବାକୁ ପଡୁଛି। ଏବେ ମୋ ପାଇଁ ୟୁଟ୍ୟୁବ ବଡ଼ ସାହାରା। ଏଥିରୁ ଦେଖି ଚକ୍‌ଲେଟ୍ କେକ୍, ବିରିୟାନି ଆଦି ବନେଇଥାଏ। ବେଶି ନନ୍‌ଭେଜ୍ ରୋଷେଇ ଦେଖେ। ମାଛର ବି ଗୋଟେ ମସଲା ଫ୍ରାଏ ମାମା ଶିଖେଇ ଦେଇଥିଲେ। ନିଜେ କରିଥିଲି। ପ୍ରତିଦିନ ଅଣ୍ଡା ଆମଲେଟ୍, ସାଲାଡ୍ ପରି ଛୋଟ ଛୋଟ ରୋଷେଇ କରୁଛି। ମାମାଙ୍କୁ ସବୁଦିନ ରୋଷେଇରେ ସାହାଯ୍ୟ କରୁଛି। ନିଜେ କରି ଖାଇବା କି ମାମାଙ୍କୁ ଖୁଆଇବାରେ ଖୁବ୍ ମଜା ଆସୁଛି।

**ରୋଷେଇ କରି ମୁଁ ରିଲାକ୍ସ ହୁଏ– ନିକିତା ମିଶ୍ର**

ମତେ ସବୁବେଳେ ନୂଆ ନୂଆ ରୋଷେଇ କରିବାକୁ ଭଲ ଲାଗେ। କିନ୍ତୁ ମୋର କ୍ଲାସ୍, ଜିମ୍ ଆଉ ସୁଟିଂ ପାଇଁ ବିଶେଷ ସମୟ ପାଏ ନାହିଁ। କିନ୍ତୁ ଏବେ ଲକ୍‌ଡାଉନ୍ ଯୋଗୁଁ ବାହାରକୁ ଯିବା ବନ୍ଦ, ତେଣୁ ମୋର ଅଧିକାଂଶ ସମୟ ରୋଷେଇ କରିବାରେ ଯାଉଛି। କେବେ କେବେ ଘର ସଫା, ଘର ସଜ୍ଜା ବି କରେ। କିନ୍ତୁ ନିଜ ୱାର୍କଆଉଟ୍ ପରେ ମତେ ଯାହା ସବୁ ଠୁ ଭଲ ଲାଗେ ତାହା ହେଲା ନୂଆ ନୂଆ ରୋଷେଇ କରି ଖାଇବା ଆଉ ଖୁଆଇବା। ସକାଳ ବ୍ରେକଫାଷ୍ଟ ରୁ ଆରମ୍ଭ କରି ରାତି ଡିନର ଯାଏ ସବୁଥିରେ ମାମାଙ୍କୁ ସାହାଯ୍ୟ କରେ କି ନିଜେ କରେ। ରୋଷେଇ କରି ୟୁଟ୍ୟୁବରେ ଅପଲୋଡ୍ ବି କରେ। ଏଇ ଲକ୍‌ଡାଉନ୍ ଭିତରେ ଦୋସା, କଟକ ଦହିବରା ଆଳୁଦମ୍, କୁଲଚା, ବିରିୟାନୀ ଗାର୍ଲିକ ପ୍ରନ୍ ଚିକେନ ଫ୍ରାଏ ଆଦି ବହୁତ ରୋଷେଇ କରିଛି। ପାପାଙ୍କ ଠାରୁ ସାମି କବାବ ଶିଖିଛି। ଏବେ ଘରେ ମାମା, ପାପା ବାହାରକୁ ଯାଉନାହାନ୍ତି। ସାନ ଭାଇ ବି ଘରେ ଅଛି। ତେଣୁ ବ୍ରେକଫାଷ୍ଟ, ଲଞ୍ଚ, ଇଭିନିଙ୍ଗ୍ ସ୍ନାକ୍ସ ଠାରୁ ଆରମ୍ଭ କରି ରାତି ଡିନର ଯାଏ ସବୁଦିନ ନୂଆ ନୂଆ ଜିନିଷ ବନଉଛି ଆଉ ଏକାଠି ଖାଉଛୁ।












ରଶ୍ମିତା


ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧


ଫଟୋ ସୌଜନ୍ୟ: କୁମାର ଶତର, ଧରିତ୍ରୀ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## କ'ଣ ଦିଏ

ଶିକ୍ଷୟିତ୍ରୀ- କୁନି ମହୁମାଛି କ'ଣ ଦିଏ ?

ପିଣ୍ଟୁ-ମହୁ

ଶିକ୍ଷୟିତ୍ରୀ-ପତଳା ଛେଳି କ'ଣ ଦିଏ ?

ପିଣ୍ଟୁ-କ୍ଷୀର

ଶିକ୍ଷୟିତ୍ରୀ-ଆଉ ମୋଟି ମଇଁଷି ?

ପିଣ୍ଟୁ-ହୋମଓ୍ୱାର୍କ...

## ସୁନ୍ଦର

ସ୍ତ୍ରୀ-ଆମ ଦୁହିଁଙ୍କ ଭିତରେ ସୁନ୍ଦର କିଏ ?

ସ୍ୱାମୀ-ମୁଁ

ସ୍ତ୍ରୀ-କେମିତି ?

ସ୍ୱାମୀ-ତମେ ସୁନ୍ଦର ହୋଇଥିଲେ ବ୍ୟୁଟିପାର୍ଲର କାହିଁକି ଯାଇ ଥାଆନ୍ତ।

## ନମ୍ବର

ଶିକ୍ଷକ ପରୀକ୍ଷା ସମୟରେ ମୀନାକୁ- ତୋ ନମ୍ବର କହିଲୁ।

ମୀନା-ସରି ସାର୍, ଆଇ ହାଭ ଏ ବୟଫ୍ରେଣ୍ଡ।

ଶିକ୍ଷକ- ମୁଁ ରୋଲ ନମ୍ବର ମାଗୁଛି, ମୋବାଇଲ ନମ୍ବର ନୁହେଁ।

## ବ୍ୟାକ୍ ପେଜ୍

# ଏକ କି.ମି. ଉଚ୍ଚତା ବିଶିଷ୍ଟ ଅଟ୍ଟାଳିକା

ବୁର୍ଜ ଖଲିଫା ପୃଥିବୀର ସବୁଠାରୁ ଉଚ୍ଚତମ ଅଟ୍ଟାଳିକା ଭାବେ ପରିଚିତ। ଏହାର ଉଚ୍ଚତା ୫୨୯.୮ମିଟର ବା ୨,୭୨୨ ଫୁଟ। ତେବେ ଏହାଠାରୁ ବି ଉଚ୍ଚ ଏକ ଅଟ୍ଟାଳିକା ସୌଦି ଆରବରେ ନିର୍ମାଣ କରାଯାଉଛି, ଯାହାର ଉଚ୍ଚତା ୩,୨୮୧ ଫୁଟ ଅର୍ଥାତ ପ୍ରାୟ ୧କି.ମି.ରହିବ। ଉକ୍ତ ଅଟ୍ଟାଳିକାର ନାମ 'ଜେଦ୍ଦାହ ଟାୱାର' ରଖାଯାଇଛି। ପ୍ରଥମେ ଏହାର ନିର୍ମାଣ ୨୦୨୨ ସୁଦ୍ଧା ହୋଇଯିବ ବୋଲି କୁହାଯାଉଥିଲା। ହେଲେ ଏବେ ଏହାର ନିର୍ମାଣ କାର୍ଯ୍ୟ ବନ୍ଦ ଅଛି। ତେଣୁ ଏହି ଅଟ୍ଟାଳିକା ସମ୍ପୂର୍ଣ୍ଣ ହେବାକୁ ଆଉ କିଛି ଅଧିକ ସମୟ ଲାଗିବ।







# କାର୍ ଭିତରେ ୨୦ ଯୁବତୀ

ସାଧାରଣତଃ ଏକ କାର୍ ଭିତରେ ୬-୭ଜଣ ବସିପାରିବେ। ତେବେ ଭାବିଲେ ଏକ ସ୍ମାର୍ଟ କାର୍, ଯାହାର ଆକାର ବହୁତ ଛୋଟ ଏବଂ ମାତ୍ର ଦୁଇ ଜଣ ବସିବା ବ୍ୟବସ୍ଥା ଥାଏ ସେଥିରେ କେତେ ଜଣ ବସିପାରିବେ। ଅତି ବେଶିରେ ୩-୪ ଜଣ ବୋଲି ଭାବୁଥିବେ। ହେଲେ ଏକ ସ୍ମାର୍ଟ କାରରେ ଅସମ୍ଭବ ଭାବେ ୨୦ଜଣ ଯୁବତୀ ବସି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ଖାଲି ସେତିକି ନୁହେଁ ଏଥିପାଇଁ ସେମାନେ ଗିନିଜ ୱାର୍ଲ୍ଡ ରେକର୍ଡରେ ବି ସ୍ଥାନ ପାଇଛନ୍ତି। ଏହି ସମସ୍ତ ଯୁବତୀ ଥିଲେ ଗ୍ଲେଣ୍ଡାଲେ ଚିୟର ଲିଡିଂ ଟିମର ସୁନ୍ଦରୀ ଚିୟର ଲିଡର୍। ସେମାନେ ଏମିତି ଭାବେ ଖୁନ୍ଦାଖୁନ୍ଦି ହୋଇ ସ୍ମାର୍ଟ କାର ଭିତରେ ପଶିଥିଲେ ଯେ, ଦେଖିବା ଲୋକ ହତଚକିତ ହୋଇଯାଇଥିଲେ।

# ତିନୋଟି ହୃତ୍ପିଣ୍ଡ ଥିବା ମାଛ

ଗଭୀର ସମୁଦ୍ର ଗର୍ଭରେ ଅନେକ ଅଜବ ପ୍ରାଣୀ ଅଛନ୍ତି। ଯାହା ସବୁବେଳେ ମଣିଷକୁ ଚକିତ କରି ଆସିଛି। ସେମିତି ଏକ ଅଜବ ପ୍ରାଣୀ ହେଉଛି 'କଟଲ୍ ଫିଶ୍' ବା 'ସମୁଦ୍ର ଫେନୀ'। ଏହା ଏକପ୍ରକାର ମାଛ। ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଉକ୍ତ ମାଛର ଗୋଟିଏ ନୁହେଁ ବରଂ ତିନୋଟି ହୃତ୍ପିଣ୍ଡ ଅଛି। ଏହାବାଦ୍ ବି ଏହା ମଧ୍ୟରେ ଅନେକ ଚକିତ କରିବା ଭଳି ବିଶେଷତ୍ୱ ଅଛି। ଯେମିତି କି ଏହାର ରକ୍ତ ଅନ୍ୟ ପ୍ରାଣୀଙ୍କ ଭଳି ଲାଲ ନୁହେଁ ବରଂ ନୀଳ ଅଟେ। ଗଭୀର ସମୁଦ୍ରରେ ରହୁଥିବା ଏହି କଟଲ୍ ଫିଶନିଜ ଶରୀରର ରଙ୍ଗ ବଦଳାଇ ପାରେ। ତେଣୁ ଏହାକୁ ସମୁଦ୍ରରେ ଖୋଜି ପାଇବା କଷ୍ଟକର। ଆଉ ଯେବେ କୌଣସି ପରଭକ୍ଷୀ ଏହାକୁ ଆକ୍ରମଣ କରେ ସେ ଏଭଳି ଗ୍ୟାସ ନିର୍ଗତ କରେ ଯେ, ସେହି ପରଭକ୍ଷୀ ପ୍ରାଣୀଟି ଅନ୍ଧ ହୋଇଯାଏ। ଅକ୍ଟୋପସ ପରି ଆଠୋଟି ଗୋଡ ଥିବା କଟଲ୍ ଫିଶ୍ ସମୁଦ୍ର ମଧ୍ୟସ୍ଥ ଅମେରୁଦଣ୍ଡୀ ପ୍ରାଣୀ ଭିତରେ ସବୁଠାରୁ ବୁଦ୍ଧିମାନ । ଏହାର ୧୨୦ଟି ପ୍ରଜାତି ଅଛି।



